## ସଂକ୍ଷେପରେ

### ଜିଲ୍ଲାରେ ୬୭ ପଜିଟିଭ

କୋରାପୁଟ,୨୪।୪(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଶନିବାର ପୁଣି ୬୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ ପୂର୍ବରୁ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। କୋରାପୁଟ ପୌରାଞ୍ଚଳରୁ ୮ ଜଣ, ଜୟପୁର ପୌରାଞ୍ଚଳରୁ ୧୯, ସୁନାବେଡ଼ା ପୌରାଞ୍ଚଳରୁ ୬ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ବନ୍ଧୁଗାଁ ବ୍ଲକ ଅଞ୍ଚଳରୁ ୩ ଜଣ, ବୈପାରିଗୁଡ଼ା ବ୍ଲକରୁ ୨, ବୋରିଗୁମ୍ମା ୯, ନନ୍ଦପୁର ଜଣେ, ଜୟପୁର ଜଣେ, କୋରାପୁଟ ୪, କୋଟପାଡ଼ ୩, ପଟ୍ଟାଙ୍ଗୀ ୩, କୁନ୍ଦୁରା ୨, ଲକ୍ଷ୍ମୀପୁର ୨ ଓ ସେମିଳିଗୁଡ଼ା ବ୍ଲକରୁ ୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜିଲାରେ ୨୩ ତାରିଖ ସୁଦ୍ଧା ୨ଲକ୍ଷ ୮ହଜାର ୮୮୨ ଜଣଙ୍କୁ କରୋନା ଟିକା ପ୍ରଦାନ କରାଯାଇଛି। ଶଟ୍‌ଡାଉନ ଯୋଗୁ ଶନିବାର ଓ ରବିବାର ଟିକାକରଣ ବନ୍ଦ ରହିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

### ୪୮୫ କେଜି ଗଞ୍ଜେଇ ଜବତ

ରାୟଗଡ଼ା ଅଫିସ,୨୪।୪- ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଶୁକ୍ରବାର ଏକ ଟ୍ରକ୍‌ରୁ ୪୮୫ କେ.ଜି. ଗଞ୍ଜେଇ ଜବତ କରିଛି। କେନ୍ଦୁଗୁଡ଼ା ଅଞ୍ଚଳରୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ଟିମ୍ ଚଢ଼ାଉ କରିଥିଲା। କେନ୍ଦୁଗୁଡ଼ା ଡ୍ୟାମ୍ ନିକଟରେ ଟ୍ରକ୍(ଓଆର୍ ୦୫ ଏନ୍-୭୦୭୨)ଟିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରୁ ୪୮୫ କେ.ଜି. ଗଞ୍ଜେଇ ବାହାରିଥିଲା। ପୋଲିସ ଗଞ୍ଜେଇ ଏବଂ ଟ୍ରକ୍ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୪୮ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ୨୮/୨୧ରେ ଏକ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ରାୟଗଡ଼ା ଏସ୍‌ପି ସୂଚନା ଦେଇଛନ୍ତି।

### କାଜୁ ବଗିଚାରୁ ବୃଦ୍ଧଙ୍କ ମୃତଦେହ ଜବତ

ବୈପାରିଗୁଡା,୨୪।୪ (ଡି.ଏନ.ଏ.)- କୋରାପୁଟ ଜିଲା ବୈପାରିଗୁଡା ଥାନା ଅଧୀନ ରାମଗିରି ଫାଣ୍ଡି ଅଞ୍ଚଳର ଉପଡା ଗ୍ରାମ କାଜୁ ବଗିଚାରୁ ଜଣେ ବୃଦ୍ଧଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ସେ ହେଲେ ଗ୍ରାମର ଲୈଛନ ରେଗିଆ(୬୦)। ସେ ଗୁରୁବାର ସନ୍ଧ୍ୟାରେ କାଜୁ ବଗିଚାକୁ ଯାଉଛି କହି ଘରୁ ଯାଇଥିଲେ। ମାତ୍ର ରାତିରେ ଆଉ ଘରକୁ ଫେରି ନ ଥିଲେ। ପରଦିନ ସକାଳେ ତାଙ୍କୁ ଖୋଜିବାକୁ ଯାଇ ତାଙ୍କ ମୃତଦେହ ଏକ କାଜୁ ଗଛରେ ଝୁଲୁଥିବା ଲୈଛନଙ୍କ ବଡ଼ଭାଇ ରଘୁ ରେଗିଆ ଦେଖିଥିଲେ। ଏ ସଂକ୍ରାନ୍ତରେ ସେ ପୋଲିସକୁ ଖବର ଦେବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ କେସ୍ ନଂ. ୨୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି। ତେବେ ଲୈଛନଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ପୋଲିସ, ଡ୍ରଗ୍ ସ୍କ୍ୱାଡ୍ ପକ୍ଷରୁ ଔଷଧ ଦୋକାନରେ ଚଢ଼ାଉ

କୋରାପୁଟ/ମାଲକାନଗିରି, ୨୪।୪(ସ୍ୱ.ପ୍ର./ଡି.ଏନ.ଏ.)




କୋରାପୁଟ ଓ ମାଲକାନଗିରିରେ ସ୍କ୍ୱାଡ୍ ଟିମ୍ ସହରର ଔଷଧ ଦୋକାନରେ ଯାଞ୍ଚ କରୁଛନ୍ତି।

କୋରାପୁଟ ସହରରେ ଥିବା ବିଭିନ୍ନ ଔଷଧ ଦୋକାନରେ ପୋଲିସ ଓ ଜିଲା ଡ୍ରଗ୍ ସ୍କ୍ୱାଡ୍ ପକ୍ଷରୁ ଶନିବାର ଚଢ଼ାଉ କରାଯାଇଛି। କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ଜିଲା ଔଷଧ ନିରୀକ୍ଷକ ସୁଧୀର ଜେନା ଓ ପୋଲିସ ଡିଆଇବି ଇନ୍ସପେକ୍ଟର ସୁନୀତା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସହରର ପୂଜାରିପୁଟସ୍ଥିତ ଦମୟନ୍ତୀ ମେଡିସିନ ଷ୍ଟୋର, ଓମ୍ ମେଡିସିନ ଷ୍ଟୋର, ସୂର୍ଯ୍ୟ ମେଡିକୋ, ସର୍ଜିକାଲ ଓ କେମିକାଲ ଆଦି ୫ରୁ ଉର୍ଦ୍ଧ୍ୱ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସମସ୍ତ ଦୋକାନରେ ଔଷଧ ଏବଂ ମହଜୁଦ ତାଲିକାକୁ ଟିମ୍ ଯାଞ୍ଚ କରିଥିଲା। କରୋନା ପରିପେକ୍ଷୀରେ କରୋନାରୁ ରକ୍ଷା ପାଇଁ ଥିବା ବିଭିନ୍ନ ଔଷଧ ମହଜୁଦ ରଖା ନ ଯାଇ ଏହାର କଳାବଜାର କରାଯାଉଛି ବୋଲି ସରକାରଙ୍କ ନିକଟରେ ଅଭିଯୋଗ ହେବା ପରେ ସରକାର ଏହାର ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଥିଲେ। ଚଢ଼ାଉରେ ଟାଉନ ଥାନା ଏସ୍‌ଆଇ ଯଶୋବନ୍ତ କୁମାର ସାଲେମଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

ମାଲକାନଗିରି ସହରରେ ମଧ୍ୟ ଶନିବାର ପୋଲିସ ଏବଂ ଡ୍ରଗ୍‌କଣ୍ଟ୍ରୋଲରଙ୍କ ମିଳିତ ଟିମ୍ ଜିଲା ସଦର ମହକୁମାର ବିଭିନ୍ନ ଔଷଧ ଦୋକାନ ଉପରେ ଚଢାଉ କରିଛି। ଡ୍ରଗ୍ ଇନ୍ସପେକ୍ଟର ଦିଲୀପ୍ କୁମାର ଜେନା, ଥାନା ଆଇଆଇସି ରାମ ପ୍ରସାଦ ନାଗଙ୍କ ସହ ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। କୋଭିଡ୍-୧୯ ସହ ଜଡିତ ଔଷଧ ଯେପରି ଅତ୍ୟଧିକ ମୂଲ୍ୟରେ ବିକ୍ରି ନ କରିବା, ଏହା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ପ୍ରତ୍ୟେକ ଔଷଧ ଦୋକାନ ମାଲିକ କୋଭିଡ୍-୧୯ ଔଷଧ କେତେ ପରିମାଣରେ କେତେ ଟଙ୍କାରେ ଖର୍ଦ୍ଦି କରିବା ସହ ଦୈନିକ କେତେ ବିକ୍ରି ହେଉଛି ତାର ସଠିକ୍ ହିସାବ ଡ୍ରଗ୍ କଣ୍ଟ୍ରୋଲରୁ ଓ ପୋଲିସକୁ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ ।

## ବନ୍ଦର ପ୍ରଭାବ



ଶନିବାର ଶଟ୍‌ଡାଉନ୍ ଯୋଗୁ କୋରାପୁଟ ସହର ଜନଶୂନ୍ୟ ହୋଇପଡିଛି ।

# ଚିନ୍ତା ବଢ଼ାଉଛନ୍ତି ପ୍ରବାସୀ

ଏମ୍‌ଭି ୭୯,୨୪।୪(ଡି.ଏନ୍.ଏ.)

କରୋନାର ଦ୍ୱିତୀୟ ଲହର କାୟାବିସ୍ତାର କରିବାରେ ଲାଗିଛି । ଏଭଳି ସ୍ଥିତିରେ ମାଲକାନଗିରି ଜିଲାରେ ମଧ୍ୟ ସ୍ଥିତି ଜଟିଳ ହୋଇଛି। ପ୍ରତିଦିନ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏପରି ସମୟରେ ପ୍ରବାସୀମାନେ ଘରମୁହାଁ ହୋଇ ପ୍ରଶାସନ ସମେତ ଜନସାଧାରଣଙ୍କ ଚିନ୍ତା ବଢ଼ାଇଛନ୍ତି। ପ୍ରତିଦିନ ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକ ମାଲକାନଗିରିକୁ ମୋଟୁ ଦେଇ ଫେରୁଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟୁ ଦେଇ ୫ ହଜାର ଉର୍ଦ୍ଧ୍ୱ ପ୍ରବାସୀ ଫେରିଥିବା ବେଳେ ସେଥିରୁ ମାଲକାନଗିରି ଜିଲାର ୩ ହଜାର ପ୍ରବାସୀ ଫେରିଛନ୍ତି। ମାଲକାନଗିରି ଜିଲାରେ କରୋନାର ପ୍ରଥମ ଲହର ବେଳେ ବିଭିନ୍ନ ରାଜ୍ୟରେ କାମଧନ୍ଦା ବନ୍ଦ ହୋଇଯିବାରୁ ପ୍ରବାସୀ ଶ୍ରମିକ ନିଜ ଘରକୁ ଫେରି ଆସିଥିଲେ। କରୋନା ପ୍ରଭାବ କମିବା ପରେ ସେମାନେ ରୋଜଗାର ପାଇଁ ପୁଣି ଥରେ ବାହାର ରାଜ୍ୟକୁ ଚାଲିଯାଇଥିଲେ। ଏବେ ପୁଣି କରୋନାର ଦ୍ୱିତୀୟ ଲହର ବଢୁଥିବାରୁ ପ୍ରବାସୀମାନେ ପୁନର୍ବାର ଘରମୁହାଁ ହୋଇଛନ୍ତି । ପ୍ରବାସୀଙ୍କ ଭିଡ଼କୁ ଦେଖି ଜିଲା ପ୍ରଶାସନ ପକ୍ଷରୁ ମୋଟୁକୁ ସଂଯୋଗ କରୁଥିବା ବ୍ରିଜ୍ ନିକଟରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। କୌଣସି ବ୍ୟକ୍ତି ଯେପରି ବିନା ପଞ୍ଜୀକରଣରେ ଜିଲା ମଧ୍ୟକୁ ପ୍ରବେଶ ନ କରିବେ ସେନେଇ ପଦକ୍ଷେପ ନିଆଯାଇଛି ।

# ଉମୁରି ରେଳୱେ ଦ୍ୱିତୀୟ ଓଭର ବ୍ରିଜ୍ କାର୍ଯ୍ୟ ଆରମ୍ଭ



ଶନିବାରଠାରୁ ଆରମ୍ଭ ହୋଇଥିବା ବ୍ରିଜ୍ କାମ।

ଜୟପୁର, ୨୪।୪ (ନି.ପ୍ର.)

### ଗାଡ଼ି ଚଳାଚଳ ନେଇ ରୋଡ୍ ଡାଇଭର୍ସନ ବ୍ୟବସ୍ଥା କଲା ପ୍ରଶାସନ

ଜୟପୁର ଜାତୀୟ ରାଜପଥ-୨୬ର ଜୟପୁର-ବୋରିଗୁମ୍ମା ମଧ୍ୟରେ ଥିବା ଉମୁରି ରେଳୱେ ଦ୍ୱିତୀୟ ଓଭର ବ୍ରିଜ୍‌ର କାମ ଶନିବାରଠାରୁ ଆରମ୍ଭ ହୋଇଛି। ଏନେଇ ଜିଲାପାଳ ମହମ୍ମଦ ଅବଦୁଲ ଅଖତର ନିର୍ଦ୍ଦେଶ ଦେବା ପରେ ଟ୍ରାଫିକ କଟକଣା ଜାରି କରାଯାଇଛି। ଭାରିଯାନ ଏବଂ ହାଲୁକା ଯାନ ଚଳାଚଳ ଲାଗି ରୋଡ୍ ଡାଇଭର୍ସନ ଲାଗୁ ହୋଇଛି । କୋରାପୁଟରୁ ବୋରିଗୁମ୍ମା ଅଭିମୁଖେ ଆସୁଥିବା ସମସ୍ତ ଭାରିଯାନ ରାଣୀଗଡ଼ ଘାଟିରାସ୍ତା ଦେଇ ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପାଖରେ ଜାତୀୟ ରାଜପଥକୁ ବାହାରିବ। ସେହିପରି ଜୟପୁରରୁ ବୋରିଗୁମ୍ମା ଅଭିମୁଖେ ଯାଉଥିବା ହାଲୁକା ଯାନଗୁଡିକ ଜାତୀୟ ରାଜପଥ କାର୍ଯ୍ୟାଳୟ ନିକଟରେ ଯାଇଥିବା ରାସ୍ତାରେ ମକାପୁଟ ଦେଇ ଉମୁରି ଏଫ୍‌ସିଆଇ ଗୋଦାମ ଛକରେ ବାହାରିବ। ସପ୍ତାହେ ଯାଏ ଏପରି ଡାଇଭର୍ସନ ଦେଇ ଗାଡ଼ି ମୋଟର ଚଳାଚଳ କରିବ ବୋଲି ଜିଲାପାଳ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ଏଥିପାଇଁ ୪ଟି ସ୍ଥାନରେ ଡାଇଭର୍ସନ କରାଯାଇଛି । ଜୟପୁର ଏନ୍‌ଏଚ୍ ଡିଭିଜନ ଅଫିସ, ଉମୁରି ଏଫ୍‌ସିଆଇ ଗୋଦାମ, ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଏବଂ କୋରାପୁଟ ଟ୍ରାଫିକ ଛକଠାରେ ଡାଇଭର୍ସନମାନ କରାଯାଇଛି। ଏନେଇ ପୋଲିସ ହାଲୁକା ଓ ଭାରିଯାନଗୁଡ଼ିକୁ ଅଟକାଇ ସେମାନଙ୍କୁ ଅବଗତ କରାଉଛି। ସୂଚନାଯୋଗ୍ୟ ଜୟପୁର-ଛତିଡପୁଟ ରେଳଲାଇନର ୭୨୯ ନମ୍ବର ଓଭରବ୍ରିଜ୍‌ର ଉମୁରି ରେଳୱେ ବ୍ରିଜ କାମ ହାତକୁ ନିଆଯାଇ ଅଧିକ ଚଉଡା କରାଯାଉଛି । ଫଳରେ ଏପରି ଡାଇଭର୍ସନମାନ କରାଯାଇ ସୁବିଧାରେ ଗାଡ଼ିମୋଟର ଯାତାୟାତ ବ୍ୟବସ୍ଥା ହୋଇଛି। ଏଠାରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଉପସ୍ଥିତ ରହି ତଦାରଖ କରୁଛନ୍ତି ।

# ଶ୍ରମିକ ନେତା ଏନ୍. ଅହମ୍ମଦଙ୍କ ସ୍ମୃତିସଭା

ଜୟପୁର,୨୪।୪ (ନି.ପ୍ର.)

ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ଶ୍ରମିକ ନେତା ତଥା ଆଇନଜୀବୀ ନବରଙ୍ଗପୁରର ଏନ୍. ଅହମ୍ମଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ସିଟି କୋଅର୍ଡିନେସନ କମିଟି ଅଫ୍ ୟୁନିୟନ୍ସ ଆଣ୍ଡ ଆସୋସିଏସନ୍ସ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଭାଗୀରଥି ରେଡ୍ଡି ଅଧକ୍ଷତା କରିଥିଲେ। ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ତାଙ୍କ ସ୍ମୃତିଚାରଣ କରି ଏନ୍. ଅହମ୍ମଦ ଇନ୍ଦ୍ରାବତୀ ଜଳସେଚନ ଯୋଜନାରେ ବୁଡ଼ି ଅଞ୍ଚଳ ଲୋକଙ୍କ ସମସ୍ୟା ସମାଧାନ ପାଇଁ କ୍ରମାଗତ ଆନ୍ଦୋଳନ ଜାରି ରଖିଥିଲେ। ଉମରକୋଟ ମୈଦଲପୁର ଅଞ୍ଚଳର ଆଦିବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସେ ଲଢ଼େଇ କରିଥିଲେ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ,ସହ ସମ୍ପାଦକ ରାମକୃଷ୍ଣ ଦାସ, ଯୁବସଂଘର ନନ୍ଦ ହରିଜନ, ତିରୁପତି ମାଳି ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

# ଶାଗୁଆନ ଗଣ୍ଡି, ପିଆଶାଳ କାଠ ଜବତ: ୨ ଅଟକ

କୋରୁକୋଣ୍ଡା, ୨୪।୪ (ଡି.ଏନ.ଏ.)

ବିଶେଷ ସୂତ୍ରରୁ ଖବରପାଇ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରଦୀପ ମିରସେଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋୟୀଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତୁମାସାପାଲି ପଞ୍ଚାୟତର କାମାଲିଗୁଡ଼ା ଗ୍ରାମ ନିକଟସ୍ଥ ପୋଟରୁ ନଦୀ ନିକଟରେ ଚଢାଉ କରିଥିଲା। ୯ଟି ଶାଗୁଆନ ଗଣ୍ଡି, ୩୪ଟି ପିଆଶାଳ କାଠ ଜବତ କରାଯାଇଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ। ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଅଟକ ରଖି ସେମାନଙ୍କୁ ପଚରାଉଚରା କରାଯାଉଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ଲାଗି ଅଧିକ ତଦନ୍ତ ଜାରି ରହିଛି। ଚଢ଼ାଉରେ ପାଣ୍ଡ୍ରିପାଣି ବନପାଳ ମୋହନ ଗୁଡ଼ିଆ, ଏମ୍‌ଭି-୧୭ ବନପାଳ ଦିବାକର ଜେନା, କୋରୁକୋଣ୍ଡା ବନପାଳ ରାଜେଶ କୁମାର ସେଠୀ,ସମସ୍ତ ବନରକ୍ଷୀ,ସୁରକ୍ଷା ସ୍କ୍ୱାଡ୍‌ଙ୍କ ସହ ସ୍ଥାନୀୟ ସରପଞ୍ଚ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ନିକଟରେ ତମସା ନଦୀକୂଳ କାମାଲିଗୁଡ଼ା ଗ୍ରାମ ନିକଟରେ ଚଢାଉ କରି ବନ ବିଭାଗ ୨ଟି ଟ୍ରକ୍ ସହ ବହୁ ପରିମାଣରେ କାଠ ଜବତ କରିଥିଲା। ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ବିଶ୍ୱ ଟିକାକରଣ ସପ୍ତାହ ପାଳିତ



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆଇଇସି ଷ୍ଟଲ ଉଦ୍‌ଘାଟନ କରୁଛନ୍ତି।

ମାଲକାନଗିରି,୨୪।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଟିକାକରଣ ସପ୍ତାହ -୨୦୨୧ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ ଏକ ଆଇଇସି ଷ୍ଟଲ ଉଦ୍‌ଘାଟନ କରିଥିଲେ। ଏଡିଏମ୍‌ଓ ଡା. ଶିବପ୍ରସାଦ ମହାରଣା ଡା. ଅନିଲ କୁମାର ମିଶ୍ର, ସନ୍ତୋଷ କୁମାର ମିଶ୍ର, ସନ୍ତୋଷ କୁମାର ମିଶ୍ର, ଅନୁପମା ମହାନ୍ତ , ନିହାର ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗର୍ଭବତୀ ମହିଳା , ଶିଶୁ ଓ କରୋନା ଟିକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମକୁ ଚାମେଲି କୁମାରୀ ମଣ୍ଡଳ, ସଞ୍ଜୁକ୍ତା ସେଠୀ, ଶଶାଙ୍କ ଶେଖର ପଣ୍ଡିତ ପ୍ରମୁଖ ପରିଚାଳନା କରିଥିଲେ।

# ସବୁଜ ପରିବେଶ ପାଇଁ ସଂକଳ୍ପ ନେଉ ବିଶ୍ୱବିଦ୍ୟାଳୟ

କୋରାପୁଟ,୨୪।୪(ସ୍ୱ.ପ୍ର.)

**ଧରିତ୍ରୀ ଦିବସ**
- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର
- ବହୁମାତ୍ରାରେ ବିଗିଡି ଯାଉଛି ପରିବେଶ ସନ୍ତୁଳନ
- ସବୁଜ ବଳୟ ସୃଷ୍ଟି ଉପରେ କୁଳପତିଙ୍କ ଗୁରୁତ୍ୱ

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟ ପରିସରରେ 'ଧରିତ୍ରୀର ପୁନରୁଦ୍ଧାର ପାଇଁ ମିଳିତ ପ୍ରଚେଷ୍ଟା' ଶୀର୍ଷକ ଅନୁଷ୍ଠିତ ୱେବିନାର ଜୈବ ବିବିଧତା ଓ ପ୍ରାକୃତିକସମ୍ପଦର ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହାକୁ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଉଦ୍‌ଘାଟନ କରିଥିଲେ। ପ୍ରଫେସର କେ. କାମେଶ୍ୱର ରାଓ ନିଜ ବାଖ୍ୟାନ ପ୍ରଦାନ କରି ଜଙ୍ଗଲ କ୍ଷୟ, ପ୍ରଦୁଷଣ, ଗ୍ଲୋବାଲ ୱାର୍ମିଂ ଏବଂ ଜଳବାୟୁ ପରିବର୍ତ୍ତନ ଜନସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ପ୍ରାକୃତିକ ସଂସାଧନ ହ୍ରାସ ସବୁ ପ୍ରକାର ସମସ୍ୟା ଆଣି ଦେଇଛି ବୋଲି ପ୍ରକାଶ କରିଥିଲେ। ଏକ ଶିକ୍ଷାନୁଷ୍ଠାନ ଭାବରେ ସଚେତନତା ସୃଷ୍ଟି କରିବା, ପରିଷ୍କାର ଏବଂ ସବୁଜ ପରିବେଶ ପାଇଁ ବିଶ୍ୱବିଦ୍ୟାଳୟକୁ ଏକ ମହତ୍ୱପୂର୍ଣ୍ଣ ଭୂମିକା ନେଇ ସଂକଳ୍ପ ନେବାକୁ ପଡିବ ବୋଲି ସେ କହିଥିଲେ। କୁଳପତି ନିଜ ବକ୍ତବ୍ୟରେ ଏବେ ବହୁମାତ୍ରାରେ ପରିବେଶ ସନ୍ତୁଳନ ବିଗିଡି ଯାଉଛି। ଏନେଇ ସଚେତନତା ସୃଷ୍ଟି ସହ ଚତୁଃଦିଗରେ ବୃକ୍ଷରୋପଣ କରି ସବୁଜିମା ବଳୟ ସୃଷ୍ଟି କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଡିନ ପ୍ରଫେସର ଶରତ କୁମାର ପାଲିତା ସ୍ୱାଗତ ସୂଚନା ଦେଇ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଲାଗି ବିଭାଗ ଦ୍ୱାରା ନିଆଯାଇଥିବା ପରିବେଶଭିତ୍ତିକ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସହକାରୀ ପ୍ରଫେସର ଡ. କାକୋଲି ବାନାର୍ଜୀ ଅତିଥି ପରିଚୟ ଦେଇଥିଲେ । ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ନିଜ ମତ ରଖିଥିଲେ ।




ୱେବିନାରରେ ଅଂଶଗ୍ରହଣ କରିଥିବା ଅତିଥି।


NATIONAL HEALTH MISSION
DSPL-24

## ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୧

ଆମର ଲକ୍ଷ୍ୟ - ମ୍ୟାଲେରିଆ ମୁକ୍ତ ବିଶ୍ୱ

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ୍ ୨୫ ତାରିଖ ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ । ସଂପ୍ରତି କରୋନା ମହାମାରୀ ସ୍ଥିତିରେ ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଅଛି । ତେଣୁ ଆମ୍ଭମାନଙ୍କୁ ଏଥିପ୍ରତି ଅଧିକ ସତର୍କ ଓ ଯତ୍ନବାନ ହେବାକୁ ପଡିବ ।

**ସଚେତନ ହୁଅନ୍ତୁ, ମ୍ୟାଲେରିଆରୁ ନିଜକୁ ସୁରକ୍ଷିତ ରଖନ୍ତୁ ।**

- ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ । ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ । ସିଞ୍ଚନସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ ।
- ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ ।
- ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ପରିବେଶ ପରିଷ୍କାର ରଖନ୍ତୁ ।

OIPR-10003/13/0018/2122

ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ଆଶା ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

## ସଂକ୍ଷେପରେ

### ନବରଙ୍ଗପୁରରୁ ୨୨୪ ପଜିଟିଭ

ନବରଙ୍ଗପୁର, ୨୪।୪(ବି.ପ୍ର.)- ନବରଙ୍ଗପୁର ଜିଲାରୁ ଶନିବାର ୨୨୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଉମରକୋଟ ପୌରାଞ୍ଚଳରୁ ୨୫ ଓ ବ୍ଲକରୁ ୨୪, ନବରଙ୍ଗପୁର ପୌରାଞ୍ଚଳରୁ ୧୩ ଓ ବ୍ଲକରୁ ୪, ଝରିଗାଁ ବ୍ଲକରୁ ୫୪, ରାଇଘରରୁ ୩୯, ଚନ୍ଦାହାଣ୍ଡିରୁ ୪୬, ଡାବୁଗାଁରୁ ୪, ପାପଡ଼ାହାଣ୍ଡିରୁ ୫ କୋଷାଗୁମୁଡାରୁ ୬, ନନ୍ଦାହାଣ୍ଡିରୁ ୩, ତେନ୍ତୁଲିଖୁଣ୍ଟିରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନବରଙ୍ଗପୁରରେ ଶନିବାର ଶଟ୍‌ଡାଉନ କରାଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୮୨୮ ଜଣ ସଂକ୍ରମିତ ଅଛନ୍ତି। ସେଥିମଧ୍ୟରୁ ୧୭୬୫ ଜଣ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ପୋଲିସ ସାହି ଗଳିରେ ପାଟ୍ରୋଲିଂ କରୁଛି।

### ୧୯୪ ସ୍ଥାନରେ ଜଳୁନି ଷ୍ଟ୍ରିଟ୍‌ଲାଇଟ

ନବରଙ୍ଗପୁର,୨୪।୪(ବି.ପ୍ର.)- ନବରଙ୍ଗପୁର ପୌରାଞ୍ଚଳ ୧୭ଟି ୱାର୍ଡକୁ ନେଇ ଗଠିତ। ସହରର ୧୯୪ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ। ୩ ମାସ ହେବ ବିଭିନ୍ନ ସାହି ଗଳିର ଲୋକେ ଅଭିଯୋଗ କରୁଛନ୍ତି। ଅଭିଯୋଗ ତା'ବାଟରେ। ସହରର ମହିଳା ମହାବିଦ୍ୟାଳୟ ନିକଟରୁ ଭାଟିଶାଳ ଗୁଡ଼ା, ମହିଳା ମହାବିଦ୍ୟାଳୟ ଛକରୁ ଭିଜିଲାନ୍ସ ଅଫିସ ଛକ, ଗାବ୍ରିଏଲଗୁଡ଼ା, ଗାଦବାଗୁଡ଼ା, ନୂଆବନ୍ଧ ସାହି ଆଦି ସ୍ଥାନରୁ ଅଭିଯୋଗ ଆସୁଛି। ଅନ୍ୟପକ୍ଷେ ନୂଆ ଭାବେ ଗଢ଼ି ଉଠିଥିବା ସାହି ଗଳିରେ ଖୁଣ୍ଟ ରହିଛି, ଷ୍ଟ୍ରିଟ୍‌ଲାଇଟ ନାହିଁ। ପୂର୍ବରୁ ଷ୍ଟ୍ରିଟଲାଇଟ ବ୍ୟବସ୍ଥା ପୌରସଂସ୍ଥା ପକ୍ଷରୁ ବୁଝାଯାଉଥିଲା। ଏବେ ଇଇଏସ୍‌ଏଲ୍ ନାମକ ସଂସ୍ଥା ଏହା ପରିଚାଳନା କରୁଛି। ଏଥିରେ ଜଣେ କର୍ମଚାରୀ କାମ କରୁଛନ୍ତି। ସମ୍ପୃକ୍ତ କର୍ମଚାରୀ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏ ନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ଉକ୍ତ ସଂସ୍ଥାର ଯେଉଁ କର୍ମଚାରୀ ଜଣକ ରହିଛନ୍ତି ସେ ଫୋନ ରିସିଭ କରୁ ନାହାନ୍ତି। ଏପରିକି ତାଙ୍କ କଥାକୁ ମଧ ସେ ଗୁରୁତ୍ୱ ଦେଉନାହାନ୍ତି ବୋଲି କହିଥିଲେ।

### ୨୪ ଘଣ୍ଟାରେ ଆଉ ୧୧୬ ପଜିଟିଭ

ରାୟଗଡ଼ା ଅଫିସ,୨୪।୪-ରାୟଗଡ଼ା ଜିଲାରେ କାୟାବିସ୍ତାର କରୁଛି କରୋନା। ୨୪ ଘଣ୍ଟା ମଧ୍ୟରେ ଜିଲାରୁ ସର୍ବାଧିକ ୧୧୬ ନୂଆ ପଜିଟିଭ ଚିହ୍ନଟ ହୋଇଛି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ୩୬, ରାୟଗଡ଼ା ଗ୍ରାମାଞ୍ଚଳରୁ ୬, ମୁନିଗୁଡ଼ାରୁ ୪୪, ଗୁଣପୁର ସହରାଞ୍ଚଳରୁ ୧୫, କାଶୀପୁରରୁ ୧୦, ବିଷମକଟକରୁ ୨, କୋଲନରାରୁ ୨ ଏବଂ ପଦ୍ମପୁରରୁ ଜଣେ ରହିଥିବା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି।

### ଶରତ ଚନ୍ଦ୍ର ନାୟକ ଗୁଣପୁରର ନୂତନ ତହସିଲଦାର

ଗୁଣପୁର,୨୪।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁରଠାରେ ନୂତନ ତହସିଲଦାର ଭାବେ ଶରତ ଚନ୍ଦ୍ର ନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ନେଇ ଶୁକ୍ରବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନାୟକ ଏବେ ଗଜପତି ଜିଲାରେ ସବ୍ ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ ରାୟଗଡ଼ାର ଡେପୁଟି କଲେକ୍ଟର ନାରାୟଣ ମିଶ୍ରଙ୍କୁ ୨୦୨୦ ଡିସେମ୍ବରରେ ଗୁଣପୁର ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଥିଲେ ମଧ ସେ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ଫଳରେ ନାରାୟଣ ମିଶ୍ରଙ୍କୁ ରାୟଗଡ଼ାରେ ହିଁ କାର୍ଯ୍ୟ ସମ୍ପାଦନା ନିମନ୍ତେ ନିର୍ଦ୍ଦେଶ ହୋଇଥିବାବେଳେ ଶରତ ଚନ୍ଦ୍ର ନାୟକଙ୍କୁ ଗୁଣପୁର ତହସିଲଦାର ଭାବେ ନିଯୁକ୍ତି ମିଳିଛି। ଗୁଣପୁରରେ ବାଲି, ପଥର ଏବଂ ସୀମା ସୁରକ୍ଷା ଭଳି ଅନେକ ଚାଲେଞ୍ଜ ରହିଥିବାବେଳେ ନୂତନ ତହସିଲଦାର କେବେ ଦାୟିତ୍ୱ ଗ୍ରହଣ କରୁଛନ୍ତି ତାହାକୁ ସମସ୍ତଙ୍କ ଅପେକ୍ଷା। ରାମନାଗୁଡ଼ାର ଅତିରିକ୍ତ ତହସିଲଦାର ଫର୍ଡିନାଣ୍ଡ ଏକ୍କା ଏବେ ଗୁଣପୁର ତହସିଲଦାରଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

### ମାଲକାନଗିରିରୁ ୧୭ ଚିହ୍ନଟ

ମାଲକାନଗିରି,୨୪।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଶନିବାର ପୁଣି ୧୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌରାଞ୍ଚଳରୁ ୬ ଜଣ, ମାଲକାନଗିରି ବ୍ଲକରୁ ୨, କାଲିମେଲା ବ୍ଲକରୁ ୩, ମାଥିଲି ବ୍ଲକରୁ ୫, ପଡିଆ ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଚନ୍ଦାହାଣ୍ଡିରେ ହେବ କୋଭିଡ୍ କେୟାର କେନ୍ଦ୍ର, ୨ ଟିଏମ୍‌ସି

**ଚନ୍ଦାହାଣ୍ଡି, ୨୪।୪(ଡି.ଏନ୍.ଏ.)**


ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଶନିବାର ଚନ୍ଦାହାଣ୍ଡି ଗସ୍ତ କରିଛନ୍ତି। ସେଠାରେ କୋଭିଡ୍ କେୟାର ସେଣ୍ଟର, ଟିଏମ୍‌ସି କେନ୍ଦ୍ର ଖୋଲିବାକୁ ଘୋଷଣା କରିଛନ୍ତି। ଚନ୍ଦାହାଣ୍ଡି ସଦର ପଞ୍ଚାୟତ ହଲଦୀ ଗ୍ରାମସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ର ଖୋଲାଯିବ। ସେହିପରି ପାନାବେଡ଼ା ମହାବିଦ୍ୟାଳୟ ଓ ବେହେରାମୁଣ୍ଡା ପଞ୍ଚାୟତ ସାଲେବିଡିରେ ଥିବା ବନ୍ୟା, ବାତ୍ୟା ଆଶ୍ରୟ ସ୍ଥଳୀରେ ଦୁଇଟି ଟିଏମ୍‌ସି କେନ୍ଦ୍ର କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ କହିଛନ୍ତି।

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଆରମ୍ଭ ହେବାକୁ ଥିବା ଶହେ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ରରେ ଗୁରୁତର କରୋନା ରୋଗୀଙ୍କୁ ଚିକିତ୍ସା କରାଯିବ। ଏଥିସହ ଦୈନିକ ୪ଶହ ଲୋକ ଏଠାରେ କୋଭିଡ୍ ଟେଷ୍ଟ କରେଇପାରିବେ। ଏଠାରେ ୨ଜଣ ଡାକ୍ତର ଓ ୬ଜଣ ସହଯୋଗୀଙ୍କୁ ନିୟୋଜିତ କରାଯିବ। ସେହିଭଳି କୋଭିଡ୍ ପରୀକ୍ଷା ପାଇଁ ଜଣେ ଟେକ୍ନିସିଆନ ରହିବେ। ଏହି କେନ୍ଦ୍ରକୁ ୩୦ଟି ଅକ୍ସିଜେନ ସିଲିଣ୍ଡର ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଯେଉଁମାନଙ୍କ ଘରେ ହୋମ୍ ଆଇସୋଲେଶନ ସୁବିଧା ନାହିଁ ସେମାନେ ପାନାବେଡା ମହାବିଦ୍ୟାଳୟ ଏବଂ ସାଲେବିଡି ବନ୍ୟା, ବାତ୍ୟା, ଆଶ୍ରୟସ୍ଥଳୀରେ ଖୋଲାଯିବାକୁ ଥିବା ଟିଏମ୍‌ସି କେନ୍ଦ୍ରରେ ସଙ୍ଗରୋଧରେ ରହି ଚିକିତ୍ସିତ ହେବେ। ବାହାର ରାଜ୍ୟରୁ ଫେରନ୍ତା ପ୍ରବାସୀମାନେ ଏଠାରେ ରହିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଗସ୍ତବେଳେ ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁ, ତହସିଲଦାର ହୃଦାନନ୍ଦ ସିଂ ମାଝି, ବିଡିଓ ଧର୍ମରାଜ ମାଝି, ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ବିପିଏମ୍ ସୁଦୀପ୍ତ ରଞ୍ଜନ ରାଉତ, ଚନ୍ଦାହାଣ୍ଡି ସରପଞ୍ଚ ଲଚ୍ଛମନ ପୂଜାରୀ, ପିଇଓ ଲଚ୍ଛମନ ନିଆଲ, ଜିପିଇଓ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି ନବରଙ୍ଗପୁର ଜିଲାରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଜିଲାର ଚନ୍ଦାହାଣ୍ଡି ଏବଂ ରାଇଘର ବ୍ଲକରେ ସର୍ବାଧିକ କୋଭିଡ୍ ପଜିଟିଭ କେସ୍ ଦେଖାଦେଉଛି। ଏହାକୁ ନଜରରେ ରଖି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ୨୨ ତାରିଖରେ ସ୍ୱାସ୍ଥ୍ୟ ସଚିବଙ୍କୁ ଚନ୍ଦାହାଣ୍ଡି, ଝରିଗାଁ ଏବଂ ରାଇଘର ବ୍ଲକରେ କରୋନା ସଂକ୍ରମିତ ରୋଗୀଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର କୋଭିଡ୍ କେୟାର କେନ୍ଦ୍ର ଖୋଲିବାକୁ ପତ୍ର ମାଧ୍ୟମରେ ଲେଖିଥିଲେ। ଜିଲାପାଳଙ୍କ ଏହି ନିଷ୍ପତ୍ତି ପରେ ଅଞ୍ଚଳବାସୀ ଏମ୍‌ପିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଠେଙ୍ଗାରେ ପିଟି ବୃଦ୍ଧଙ୍କୁ ହତ୍ୟା

**ଡାବୁଗାଁ, ୨୪।୪ (ଡି.ଏନ୍.ଏ.)**

**ଆତ୍ମସମର୍ପଣ କଲେ ହତ୍ୟାକାରୀ**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମାନିଗାଁରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ମାନିଗାଁର ଭଗ୍ନ ମାଝି (୫୦)। ହତ୍ୟା କରିବା ପରେ ଅଭିଯୁକ୍ତ ବୈଦୁ ମାଝି (୩୫) ଡାବୁଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଭଗ୍ନ ମାଝିଙ୍କ ସାନଝିଅର ବାହାଘର ହୋଇଥିଲା। ଶନିବାର ତାଙ୍କ ଘରେ ବିବାହ ଭୋଜି ଥିଲା। ଭୋଜିରେ ଭଗ୍ନ ଓ ବୈଦୁ ଉଭୟ ମଦ ପିଇଥିଲେ। ସେମାନେ ଏକାଠି ନିଜ ଜମି ଆଡ଼କୁ ଯାଉଥିବାବେଳେ ହଠାତ୍ ବୈଦୁ ଏକ ଠେଙ୍ଗାରେ ଭଗ୍ନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଭଗ୍ନ ମରିଯାଇଥିବା ଜାଣିପାରି ବୈଦୁ ମୃତଦେହକୁ କାନ୍ଧରେ ବୋହି ଜଙ୍ଗଲକୁ ନେଉଥିଲେ। ଏହି ସମୟରେ ବୈଦୁ କେତେଜଣ ଲୋକଙ୍କୁ ଦେଖି ମୃତଦେହକୁ ଅଧାବାଟରେ ପକାଇଦେଇ ପଳାଇଥିଲେ। ସେଠାରୁ ସେ ଡାବୁଗାଁ ଥାନାକୁ ଯାଇ ଆତ୍ମସର୍ମପଣ କରିଥିଲେ। ଏହାପରେ ଥାନାଧିକାରୀ ସୁରେନ୍ଦ୍ର କୁମାର ବେଉରିଆ ନିଜ ଟିମ୍ ସହ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୂର୍ବରୁ ଭଗ୍ନ ଓ ବୈଦୁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଶତ୍ରୁତା ଥିଲା ବୋଲି ପୋଲିସ ସୂଚନା ଦେଇଛି। ଡାବୁଗାଁ ପୋଲିସ ୮୩/୨୧ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# କାମ କରୁନି ସରକାରୀ ଅଫିସ୍‌ର ସାନିଟାଇଜର ମେଶିନ

**ନବରଙ୍ଗପୁର,୨୪।୪(ବି.ପ୍ର.)**


ଆରଏମ୍‌ସିରେ ଥିବା ଅଚଳ ସାନିଟାଇଜର ମେଶିନ୍।

ନବରଙ୍ଗପୁର ଜିଲାରେ କରୋନା ଗ୍ରାଫ୍ ଏବେ ଉପରମୁହାଁ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ମାସ୍କ ବ୍ୟବହାର, ସାମାଜିକ ଦୂରତା, ବାରମ୍ବର ହାତ ଧୋଇବା ଓ ସାନିଟାଇଜର ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରଯାଉଛି। ସମସ୍ତ କାର୍ଯ୍ୟାଳୟରେ ସାନିଟାଇଜର ରଖିବାକୁ କୋଭିଡ୍ ଗାଇଡ୍‌ଲାଇନରେ ନିର୍ଦ୍ଦେଶ ରହିଛି। ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ୨୦୨୦-୨୧ ବର୍ଷରେ ୬ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇ ସାନିଟାଇଜର ମେଶିନ ଲଗାଯାଇଛି। କିନ୍ତୁ ସେଗୁଡିକ ଏବେ କାମରେ ଲାଗୁନି। ମେଶିନରେ ଥିବା ସେନ୍ସର ନଷ୍ଟ ହୋଇଗଲାଣି। ଏହାର ମରାମତି କରାଯାଉନାହିଁ। ଏ ବାବଦକୁ ସରକାରଙ୍କ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଛି। ଜିଲା ସଦର ମହକୁମାର ଆର୍‌ଏମ୍‌ସି, ସମଗ୍ର ଶିକ୍ଷା ଅଭିଯାନ, ଆଦର୍ଶ ଥାନା, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ମେଡିସିନ କାଉଣ୍ଟର, ଜିଲା କୃଷି କାର୍ଯ୍ୟାଳୟ ଆଦିରେ ଲାଗିଥିବା ସାନିଟାଇଜର ମେଶିନ ଅଚଳ ହୋଇପଡ଼ିଛି। ଜିଲାପାଳ ଅଜିତ୍ କୁମାର ମିଶ୍ର ଉକ୍ତ ମେଶିନଗୁଡିକର ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ସେଗୁଡିକ ଏଯାଏ କାର୍ଯ୍ୟକାରୀ ହେଉ ନ ଥିବା ଦୁଃଖର ବିଷୟ।

# ପୂର୍ବ ନିର୍ଦ୍ଧାରିତ ମାନରେ ଦୁଗ୍ଧ କିଣାଯାଉ

**ଉମରକୋଟ, ୨୪।୪(ସ୍ୱ.ପ୍ର.)**



ଶୀତଳୀକରଣ କେନ୍ଦ୍ର ବାହାରେ ଅପେକ୍ଷା କରିଥିବା ଦୁଗ୍ଧଚାଷୀ।

**ଚାଷୀଙ୍କୁ ସୁହାଉନି ଓମ୍‌ଫେଡ୍‌ର ନୂଆ ନିୟମ**

ରାଜ୍ୟରେ କରୋନା ମହାମାରୀ ଦ୍ରୁତବେଗରେ ବଢ଼ି ଚାଲିଥିବା ବେଳେ ସରକାର ଜୀବନ ଏବଂ ଜୀବିକାକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ନିଜ ଉତ୍ପାଦିତ ଦୁଗ୍ଧକୁ ବିକ୍ରି କରି ନ ପାରି ହନ୍ତସନ୍ତ ହେଉଛନ୍ତି ଦୁଗ୍ଧଚାଷୀ। ଶନିବାର ଏଭଳି ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଧୋଡ୍ରା ଗ୍ରାମରେ। ସେଠାରେ ଥିବା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଚାଷୀ କ୍ଷୀର ଦେବାକୁ ଆସିଥିଲେ। କିନ୍ତୁ ଓମ୍‌ଫେଡ୍‌ର ନୂଆ ନିୟମ ଅନୁଯାୟୀ ଚାଷୀଙ୍କ ଦୁଗ୍ଧର ମାନ କମ୍ ଥିବାରୁ ତାହାକୁ ନେଇ ସମସ୍ୟା ଦେଖାଦେଇଥିଲା।

ଧୋଡ୍ରାରେ ରହିଛି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର। ଏହା ଉପରେ ଝରିଗାଁ ବ୍ଲକର ଧୋଡ୍ରା, ପୁର୍ଲା, କରାଗାଁ ସହିତ ଅନେକ ଗ୍ରାମର ଦୁଗ୍ଧଚାଷୀ ନିର୍ଭର କରନ୍ତି। ପ୍ରତିଦିନ ଏଠାକୁ ଆସେ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଲିଟର ଦୁଗ୍ଧ। କିନ୍ତୁ ବର୍ତ୍ତମାନ କରୋନା ସମୟରେ ଓମ୍‌ଫେଡ କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଦୁଗ୍ଧ ଗ୍ରହଣ କରୁ ନ ଥିବା ଚାଷୀମାନେ କହିଛନ୍ତି। ଦୁଗ୍ଧର ମାନ ଖରାପ ଦର୍ଶାଇ ସଂସ୍ଥା ଫେରାଇ ଦେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଓମ୍‌ଫେଡ୍ କେବଳ ଚାଷୀମାନଙ୍କଠାରୁ ଦୁଗ୍ଧ ଗ୍ରହଣ କରିବାର ନିୟମ ରହିଛି। କିନ୍ତୁ ସଂସ୍ଥା ଏବେ କେତେଜଣ ବେପାରୀଙ୍କଠାରୁ ମଧ କ୍ଷୀର ରଖୁଛନ୍ତି। ତାଙ୍କର ଟାର୍ଗେଟ ପୂରଣ ହୋଇଯାଉଛି। ତେଣୁ ଆମଠାରୁ କ୍ଷୀର ରଖୁନାହାନ୍ତି ବୋଲି ଚାଷୀ କହିଛନ୍ତି। ବିଭିନ୍ନ ସମସ୍ୟା ନେଇ ସଂସ୍ଥା ମ୍ୟାନେଜର ଓ ଜିଲା ପ୍ରଶାସନକୁ ଅବଗତ କରାଇଛୁ। କିନ୍ତୁ ଏ ଦିଗରେ କେହି କର୍ଣ୍ଣପାତ କରୁ ନ ଥିବା ଚାଷୀ ଶେଖର ରାୟ, ପ୍ରକାଶ ରାୟ, ଶୁଭେନ୍ଦୁ,ବିଶ୍ୱଜିତ,ସୁମନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ସୁପରଭାଇଜର ବନିତା ମହାପାତ୍ରଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କଠାରୁ ଆସିଥିବା ଚିଠି ଅନୁଯାୟୀ, ଦୁଗ୍ଧରେ ୪ ପଏଣ୍ଟ ଫ୍ୟାଟ୍ ଓ ଲାକ୍ଟୋମିଟର ୨୭ ଥିଲେ ତାହା ଗ୍ରହଣ କରାଯିବ। ଚାଷୀ ଦେଉଥିବା ଦୁଗ୍ଧର ମାନ ଏହାଠାରୁ କମ୍ ରହୁଛି। ତେଣୁ ତାହାକୁ ରଖାଯାଉନାହିଁ ବୋଲି ସୁପରଭାଇଜର କହିଛନ୍ତି। ବେପାରୀମାନଙ୍କଠାରୁ ସଂସ୍ଥା ଦୁଗ୍ଧ ରଖୁନାହିଁ ବୋଲି ସେ କହିଛନ୍ତି। ପୂର୍ବ ନିର୍ଦ୍ଧାରିତ ମାନରେ ଦୁଗ୍ଧ କ୍ରୟ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଜିଲା ପ୍ରଶାସନ ଆମ ସମସ୍ୟା ସମାଧାନ କରନ୍ତୁ ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ଓମ୍‌ଫେଡ୍ ମ୍ୟାନେଜର ସୁପ୍ରଭାତ କାନୁନ୍‌ଗୋଙ୍କ ସହ ଫୋନରେ ଯୋଗାଯୋଗ କରିଥିଲୁ। କିନ୍ତୁ ସେ ଆମ ଫୋନ ଗ୍ରହଣ କଲେ ନାହିଁ ଓ କିଛି ସମୟ ପରେ ଆଉ ଫୋନ ଲାଗିଲା ନାହିଁ।

## ଜିଲାପାଳଙ୍କ ଝରିଗାଁ ଗସ୍ତ

**ଝରିଗାଁ, ୨୪।୪(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକକୁ ଶନିବାର ଜିଲାପାଳ ଅଜିତ୍ କୁମାର ମିଶ୍ର ଗସ୍ତ କରିଛନ୍ତି। ଝରିଗାଁ ବ୍ଲକରେ ୪ଟି କ୍ଲଷ୍ଟର ଟିଏମସିରେ ସୁବିଧାଗୁଡିକୁ ତଦାରଖ କରିଥିଲେ। ପରେ ଝରିଗାଁ ବ୍ଲକରେ ହେବାକୁ ଥିବା କୋଭିଡ କେୟାର ସେଣ୍ଟରର ଭିତ୍ତିଭୂମି ତଦାରଖ କରିଥିଲେ। ଏହି କୋଭିଡି କେୟାର ସେଣ୍ଟରରେ ୬୦ଟି ଶଯ୍ୟା ଓ ୩୦ଟି ସିଲିଣ୍ଡର ସୁବିଧା ରହିବ। ଜିଲାପାଳ ଗସ୍ତ ସମୟରେ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମନୋବଳ ବୃଦ୍ଧି ନେଇ ପ୍ରଶଂସା କରିଥିଲେ। ଜିଲାପାଳଙ୍କ ଗସ୍ତ ପରେ ବ୍ଲକରେ ରହିଥିବା ଟିଏମ୍‌ସି ସେଣ୍ଟରଗୁଡିକରେ ସୁବିଧାଗୁଡିକ ପ୍ରତି ପ୍ରାଥମିକତା ଦେଇ ପରିବର୍ତ୍ତନ କରାଯାଉଥିବା ନେଇ ବିଡ଼ିଓ ପ୍ରଶାନ୍ତ କୁମାର ରାଉତ ସୂଚନା ଦେଇଛନ୍ତି।

# ଜୟପୁର: ଶଟ୍‌ଡାଉନରେ ସବୁ ବନ୍ଦ

**ଜୟପୁର, ୨୪।୪ (ନି.ପ୍ର.)**

କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ କୋରାପୁଟ ଜିଲାରେ ସପ୍ତାହର ଶେଷ ଦୁଇଦିନ ଶନିବାର ଓ ରବିବାର ଶଟ୍‌ଡାଉନ ଲାଗୁ ହୋଇଛି। ଏନେଇ ଜୟପୁର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପାଟ୍ରୋଲିଂକୁ କଡ଼ାକଡ଼ି କରି ଲୋକଙ୍କୁ ସଚେତନ କରାଯାଇଛି। ଦୋକାନ ବଜାର ବନ୍ଦ ଥିବା ବେଳେ ସହର ଖାଁ ଖାଁ ଲାଗୁଛି। ଘରୋଇ ଓ ସରକାରୀ ବସ୍ ଚଳାଚଳ ମଧ ବନ୍ଦ ରହିଛି। ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଓ ତହସିଲଦାର ପ୍ରଧାନ ଚୁଲି ଅମ୍ବା ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ସେତେ ଜରୁରୀ ନ ଥିଲେ ଲୋକଙ୍କୁ ଘରୁ ନ ବାହାରିବା, ମାସ୍କ ପିନ୍ଧିବାକୁ ସଚେତନ କରିଛନ୍ତି। କୋରାପୁଟ ଜିଲାର ଜୟପୁର, କୋରାପୁଟ, କୋଟପାଡ, ସୁନାବେଡ଼ା, ସେମିଳିଗୁଡ଼ାରେ ଶଟ୍‌ଡାଉନ ଜାରି ରହିଛି। ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି।

# ତଳଝରି ଗ୍ରାମବାସୀଙ୍କୁ ନାଳପାଣି ଭରସା

**ଟିକିରି,୨୪।୪ (ଡି.ଏନ୍.ଏ.)**


ଗ୍ରାମବାସୀ ନାଳରୁ ପାଣି ସଂଗ୍ରହ କରୁଛନ୍ତି।

- ଅଚଳ ପଡ଼ିଛି ଷ୍ଟାଣ୍ଡପୋଷ୍ଟ, ଯଥେଷ୍ଟ ହେଉନି ନଳକୂପ ପାଣି
- ସମସ୍ୟାରେ ୧୫୦ ପରିବାର
- ବାରମ୍ବାର ଜଣାଇବା ପରେ ବି ହେଉନି ସମାଧାନ

ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ତଥା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ହେଲେ ଏବେବି ଅନେକ ଗ୍ରାମବାସୀ ପାନୀୟ ଜଳ ନିମନ୍ତେ ନାଳ ଓ ଝରଣା ଉପରେ ନିର୍ଭର କରୁଛନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସଦର ତଳଝରି ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ପରିସ୍ଥିତି। ନାଳପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଥିବା ଜଣାପଡ଼ିଛି। ଗାଁରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ଗୋଟିଏ ଷ୍ଟାଣ୍ଡପୋଷ୍ଟ ରହିଥିବାବେଳେ ଏହା ମାଧ୍ୟମରେ ଜଳ ଯୋଗାଣ ହେଉଥିଲା। ତେବେ ଷ୍ଟାଣ୍ଡପୋଷ୍ଟଟି ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ସେହିପରି ଗାଁରେ ଏକମାତ୍ର ନଳକୂପ ରହିଛି। ତେଣୁ ୧୫୦ ପରିବାରର ଆବଶ୍ୟକତା ପୂରଣ ହୋଇପାରୁନାହିଁ। ପାନୀୟ ଜଳ ନିମନ୍ତେ ଅନ୍ୟ କୌଣସି ସୁବିଧି ନ ଥିବାରୁ ଗ୍ରାମବାସୀ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଏବେ ଖରାଦିନ ଯୋଗୁ ସମସ୍ୟା ଆହୁରି ବଢ଼ିଛି। ଏ ନେଇ ଗ୍ରାମବାସୀ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇଛନ୍ତି। ହେଲେ ଆଜି କାଲି କହି ସମୟ ଗଡ଼ାଉଥିଲେ ମଧ କୌଣସି ସମାଧାନ ହୋଇପାରୁନାହିଁ। ଫଳରେ ନଳକୂପ ଏବଂ ନିକଟସ୍ଥ ନାଳ ଗ୍ରାମବାସୀଙ୍କ ଭରସା ହୋଇଛି। ନାଳର ଅପରିଷ୍କାର ପାଣି ବ୍ୟବହାରକରି ଗ୍ରାମବାସୀ ବିଭିନ୍ନ ରୋଗରେ ମଧ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ସମସ୍ୟାର ସମାଧାନ କରିବା ନିମନ୍ତେ ଦାବି ହେଉଛି।

## ଡମ୍ବରୁଧରଙ୍କ ବିୟୋଗରେ ସ୍ମୃତିସଭା

**ଗୁଣପୁର,୨୪।୪(ଡି.ଏନ.ଏ)**

ସାହିତ୍ୟିକ ଡମ୍ବରୁଧର ପଟ୍ଟନାୟକଙ୍କ ବିୟୋଗରେ ଶନିବାର ଗୁଣପୁର ବଂଶଧାରା ସାହିତ୍ୟ ସମାଜ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ କବି ଏବଂ ସାହିତ୍ୟିକ ଉପସ୍ଥିତ ରହି ସ୍ୱର୍ଗତ ଡମ୍ବରୁଧରଙ୍କ ସାହିତ୍ୟ ପ୍ରତି ଅବଦାନ ବିଷୟରେ ସ୍ମୃତିଚାରଣ କରିବା ସହ ତାଙ୍କ ତୈଳଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସାହିତ୍ୟିକ ପ୍ରତାପ ରାୟ, ଦୁର୍ଗା



ଶତପଥୀ, ପ୍ରାଣକୃଷ୍ଣ ପାଣିଗ୍ରାହୀ, ଉମାଶଙ୍କର ଦାସ, ଅଶ୍ୱିନୀ ତ୍ରିପାଠୀ, ନରସିଂହ ଶତପଥୀ, ଦୁର୍ଗା ପାଣିଗ୍ରାହୀ, କମଳାକାନ୍ତ ଖୁଣ୍ଟିଆ, ପ୍ରମୋଦ ତ୍ରିପାଠୀ, ରମେଶ ମିଶ୍ର ଏବଂ ଦୁର୍ଗା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଡମ୍ବରୁଧରଙ୍କ ପରଲୋକ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ବୋଲି କହିଥିଲେ।

# କୁମ୍ଭମେଳା, ଅନ୍ୟ ରାଜ୍ୟ ଫେରନ୍ତାଙ୍କୁ ଚିହ୍ନଟ ଆରମ୍ଭ

**ରାୟଗଡ଼ା ଅଫିସ,୨୪।୪**


ଅଧିକାରୀଙ୍କ ଉପସ୍ଥିତିରେ ଜଣେ ଯୁବକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

**ଘର ବୁଲି କରାଯାଉଛି ସର୍ଭେ, ସ୍କ୍ରିନିଂ**

ରାୟଗଡ଼ା ଜିଲାରେ ପ୍ରତ୍ୟେକ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ୁଛି। ସେହିପରି ଜିଲାରୁ ଶତାଧିକ ଲୋକ କୁମ୍ଭମେଳାକୁ ଯାଇ ଫେରିଛନ୍ତି। ତେଣୁ ସଂକ୍ରମଣକୁ ରୋକିବା ନିମନ୍ତେ ଗୁରୁବାର ଜିଲାପାଳ ସରୋଜ କୁମାର ମିଶ୍ର ଘରକୁ ଘର ବୁଲି କୁମ୍ଭମେଳା ଏବଂ ଅନ୍ୟ ରାଜ୍ୟରୁ ଫେରିଥିବା ସମସ୍ତ ଲୋକଙ୍କୁ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ପ୍ରତ୍ୟେକ ବ୍ଲକ୍‌ରେ ଆଶା, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ଏବଂ ଶିକ୍ଷକମାନେ ଘରକୁ ଘର ଯାଇ ସର୍ଭେ ଆରମ୍ଭ କରିଛନ୍ତି। ବାହାର ରାଜ୍ୟରୁ ଫେରିଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରିବା ସହ ଥର୍ମାଲ୍ ସ୍କ୍ରିନିଂ କରୁଛନ୍ତି। ଏହି ସମୟରେ ରାୟଗଡ଼ା ଉପଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଉପସ୍ଥିତ ରହି ମନିଟରିଂ କରିଥିଲେ। ସ୍କ୍ରିନିଂବେଳେ ଜ୍ୱର ଲକ୍ଷଣ ଥିଲେ ସେମାନଙ୍କ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯିବ। ରବିବାର ସୁଦ୍ଧା ସର୍ଭେ କାମ ସାରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ। ରିପୋର୍ଟ ଆଧାରରେ ସୋମବାରଠାରୁ ଆର୍‌ଟି-ପିସିଆର୍ ପରୀକ୍ଷା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଲକ୍ଷଣ ଥିବା ବ୍ୟକ୍ତିଙ୍କୁ କ୍ଲଷ୍ଟର ଟିଏମ୍‌ସିରେ ସଙ୍ଗରୋଧରେ ରଖିବା ନିମନ୍ତେ ବ୍ୟବସ୍ଥା କରାଯାଇଥିବାବେଳେ ବିଡିଓମାନେ ସେଗୁଡ଼ିକର ଆନୁଷାଙ୍ଗିକ ବ୍ୟବସ୍ଥା ନେଇ ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଜିଲାପାଳ ତହସିଲଦାର, ସମସ୍ତ ବିଡିଓ ଏବଂ ସିଡିପିଓ, ଡିଏସ୍‌ଡବ୍ଲ୍ୟୁଓଙ୍କୁ ନେଇ ଅନ୍‌ଲାଇନ ବୈଠକ କରି କୁମ୍ଭମେଳା ଓ ଅନ୍ୟ ରାଜ୍ୟରୁ ଫେରିଥିବା ଲୋକଙ୍କ ତଥ୍ୟ ଶୀଘ୍ର ସଂଗ୍ରହ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

## ସହରାଞ୍ଚଳରେ ଜୀବନଯାତ୍ରା ଠପ୍


ରାୟଗଡ଼ାରେ ପୋଲିସ ଯାନବାହନ ଯାଞ୍ଚ କରୁଛି।


ଶଟ୍ ଡାଉନ୍ ପାଇଁ ନବରଙ୍ଗପୁରରେ ଦୋକାନ ବଜାରବନ୍ଦ ରହିଛି।



ରାୟଗଡ଼ା ଜିଲା ବିଷମକଟକ ନେତାଜୀ ଛକରେ ପୋଲିସ ଜଗି ରହିଛି।

